# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 4 April - 2026

***********************************

## ମୁଖ୍ୟ ସମ୍ବାଦ

- ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଲକ୍ଷ୍ୟରେ ପ୍ରତିବର୍ଷ ୧୫ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦେବେ ସରକାର

– ରାଜ୍ୟସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ ମୁଖ୍ୟମନ୍ତ୍ରୀ

- ଭୁବନେଶ୍ୱର ଲୋକସେବା ଭବନରେ ସନ୍ଧ୍ୟାରେ ଅନୁଷ୍ଠିତ ହେବ ରାଜ୍ୟ କ୍ୟାବିନେଟ୍ ବୈଠକ

- ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି; କହିଲେ ଉଚ୍ଚଶିକ୍ଷା ମନ୍ତ୍ରୀ

- ପୁରୀ ଅନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ ମିଳିଲା ପ୍ରଥମ ପର୍ଯ୍ୟାୟ ଜଙ୍ଗଲ ଜମି ଅନୁମତି

ଏବଂ

- ଓଡ଼ିଆ ପକ୍ଷର ଚତୁର୍ଥ ଦିନରେ ପାଳନ କରାଯାଉଛି ଓଡ଼ିଆରେ ନାମଫଳକ ବ୍ୟବହାର ସମ୍ପର୍କିତ ଅଭିଯାନ

BHK/Nabarangpur/BBSR/R/Ganjam

# ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ

ଓଡ଼ିଆ ପକ୍ଷ ପାଳନ ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆଜି ରାଜ୍ୟର ବିଭିନ୍ନ ଜିଲ୍ଲାରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ପାଳନ କରାଯାଉଛି । ଭୁବନେଶ୍ୱର ରାଜଭବନର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ପରମ୍ପରା ଓ ଜ୍ଞାନର ସମନ୍ୱୟ ହେଉଛି ଖଡ଼ିଛୁଆଁ। ଓଡ଼ିଆ ସଂସ୍କୃତିରେ ଏହାର ଏକ ପବିତ୍ର ପରମ୍ପରା ରହିଛି । ଶିକ୍ଷା କେବଳ ପାଠପଢ଼ିବା ନୁହେଁ, ବରଂ ଏହା ଏକ ସଂସ୍କାର ଏବଂ ସମୃଦ୍ଧ ଜୀବନ ଗଠନର ଭିତ୍ତିଭୂମି । ଶତପ୍ରତିଶତ ନାମଲେଖାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରେକର୍ଡ ସଂଖ୍ୟକ ୫ ଲକ୍ଷ ନିମନ୍ତ୍ରଣପତ୍ର ଅଭିଭାବକମାନଙ୍କୁ ବଣ୍ଟନ କରାଯାଇଛି । ରାଜ୍ୟର ଶିକ୍ଷା ଇତିହାସରେ ଏକ ନୂତନ ପରିବର୍ତ୍ତନର ସ୍ୱର ଆଣିବା ପାଇଁ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ପାଳନ କରାଯାଉଛି । ଶିକ୍ଷାର ମୂଳଦୁଆକୁ ମଜଭୁତ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

**- V/O -**

ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ପ୍ରତି ବର୍ଷ ୧୫ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦେବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି । ଏହା ସହିତ

ସମସ୍ତ ବିଦ୍ୟାଳୟରେ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦିଆଯିବ। ଗତ ୨୧ ମାସ ମଧ୍ୟରେ ୨୨ ହଜାର ଶିକ୍ଷକଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି। ପ୍ରତ୍ୟେକ ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଶୁଭାରମ୍ଭ କରାଯାଇ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଛୋଟ ଛୋଟ ପିଲାମାନଙ୍କ ଅବଦାନ ଆଗାମୀ ଦିନରେ ବିଶେଷ ମହତ୍ତ୍ୱ ବହନ କରିବ। ରାଜ୍ୟର କୌଣସି ବି ଶିଶୁ ଯେପରି ଶିକ୍ଷାରୁ ବଞ୍ଚିତ ନହୁଅନ୍ତି ତାହାକୁ ସୁନିଶ୍ଚିତ କରିବା ପାଇଁ ପ୍ରବେଶ ଉତ୍ସବର ଆରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶ୍ରୀ ମାଝୀ କୁନି କୁନି ପିଲାମାନଙ୍କୁ ଖଡ଼ି ଛୁଆଁଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ଅପରାଜିତ ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଅନନ୍ତ ନାରାୟଣ ଜେନା, ବାବୁ ସିଂହ ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଗଞ୍ଜାମ ଜିଲ୍ଲା ଅଗସ୍ତି ନୂଆଗାଁ ପଞ୍ଚାୟତ ସାନନୋଳିଆ ନୂଆଗାଁ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରବେଶ ଉତ୍ସବ ଓ ଖଡ଼ିଆଛୁଆଁ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ଯୋଗଦେଇ ପାରମ୍ପରିକ ଓ ରୀତିନୀତି ଅନୁସାରେ ପିଲାମାନଙ୍କୁ ଖଡ଼ି ଛୁଆଇଁଥିଲେ। ଏହି ଅବସରରେ ଜିଲ୍ଲାପାଳ ଏକ ସଚେତନତା ରଥର ଶୁଭାରମ୍ଭ କରି କହିଛନ୍ତି।

**- V/O -**

ନବରଙ୍ଗପୁର ଜିଲ୍ଲାର ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଚଳିତ ବର୍ଷ ପ୍ରବେଶ ଉତ୍ସବରେ ୧୮ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ନାମ ଲେଖାଇବେ ବୋଲି ଜଣାପଡ଼ିଛି।

ଭଦ୍ରକ ପିଏମ୍‌ଶ୍ରୀ ବାଗୁରାଇ ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଆଛୁଆଁ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ପିଲାମାନଙ୍କୁ ଖଡ଼ିଛୁଆଁଇ ଥିଲେ। ଜାତୀୟ ଶିକ୍ଷାନୀତିକୁ ଅନୁକରଣ କରି ସଠିକ୍ ମାର୍ଗରେ ଯିବା ପାଇଁ ଜିଲ୍ଲାପାଳ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ।

Desk

# କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ । ଭୁବନେଶ୍ୱର ଲୋକସେବା ଭବନରେ ହେବାକୁ ଥିବା ଏହି ବୈଠକରେ ୭ଟିରୁ ଉର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ସେଥିମଧ୍ୟରୁ ନିର୍ମାଣ ବିଭାଗର ୨ଟି, ସ୍ୱାସ୍ଥ୍ୟ, ଜଳସମ୍ପଦ, ରାଜସ୍ୱ ଆଦି ବିଭିନ୍ନ ବିଭାଗର ପ୍ରସ୍ତାବ ଉପରେ ଆଲୋଚନା ହେବ ବୋଲି ଜଣାପଡିଛି।

# ଗଙ୍ଗାଧର ମେହେରଙ୍କ ପୁଣ୍ୟତିଥି

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପୁଣ୍ୟତିଥିରେ ରାଜ୍ୟବାସୀ ଆଜି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ତାଙ୍କର କାଳଜୟୀ ରଚନାବଳୀ ଓଡ଼ିଆ ଭାଷା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ମହିମାନ୍ୱିତ କରିଛି। ତପସ୍ୱିନୀ, ପ୍ରଣୟ ବଲ୍ଲରୀ ଓ କିଚକ ବଧ ଭଳି କାବ୍ୟ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଗଙ୍ଗାଧର ମେହେରଙ୍କ ଭୂମିକା ସର୍ବଦା ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇ ଆସୁଛି।

**ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ** ବିଧାନସଭା ପରିସରରେ ଥିବା ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ତାଙ୍କର ମାତୃଭାଷା ପ୍ରତି ତାଙ୍କର ଅନନ୍ୟ ମମତା ଓ ସଂସ୍କାରର ବାର୍ତ୍ତା ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

**କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ** ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ଓଡ଼ିଆ ସାହିତ୍ୟ ଜଗତର ଚିର ଜାଜ୍ୱଲ୍ୟମାନ କବି ସଦାସର୍ବଦା ଓଡ଼ିଶାବାସୀଙ୍କ ମାନସପଟରେ ସ୍ମରଣୀୟ ହୋଇ ରହିବେ।

**ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା** ମହାନ ସାହିତ୍ୟ ସାଧକ ତଥା ସ୍ୱଭାବ କବିଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

Desk

## କୁଳପତି ନିଯୁକ୍ତି

ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ବିଶ୍ୱବିଦ୍ୟାଳୟ ସଂରକ୍ଷଣ ସଂଶୋଧନ ଆଇନ ଆସିବା ପରେ ପ୍ରକ୍ରିୟାରେ ସୁଧାର ଆସିଛି। ବିଶ୍ୱବିଦ୍ୟାଳୟରେ ୧ ହଜାର ୪୦୦ ଖାଲିପଡ଼ିଥିବା ପଦବୀକୁ ଆଗାମୀ ଦିନରେ ପୂରଣ କରାଯିବ। ଅଣଶିକ୍ଷକ ପଦବୀ ପୂରଣ ପାଇଁ ଏସ୍.ଏସ୍.ବି.କୁ ନିର୍ଦ୍ଦେଶ ଦିଆଯାଇଛି। ଜୁଲାଇ ମାସ ପୂର୍ବରୁ ୩୮୫ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପୂରଣ ପାଇଁ ଓ.ପି.ଏସ୍.ସି.କୁ ଦାୟିତ୍ୱ ଦିଆଯାଇଛି ବୋଲି ଶ୍ରୀ ସୁରଜ କହିଛନ୍ତି।

Desk

## ବିମାନ ବନ୍ଦର– ଜମି ଅଧିଗ୍ରହଣ

କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ପୁରୀ ଅନ୍ତର୍ଜାତୀୟ ବିମାନ ବନ୍ଦରର ଜଙ୍ଗଲ ଜମି ଅଧିଗ୍ରହଣ ନେଇ ପ୍ରଥମ ପର୍ଯ୍ୟାୟ ଅନୁମତି ମିଳିଛି। କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି। ବିମାନ ବନ୍ଦର ପାଇଁ ପୁରୀ ଜଙ୍ଗଲ ବିଭାଗ ପକ୍ଷରୁ ୨୭ ଦଶମିକ ୮୮୭ ହେକ୍ଟର ଜମି ଯୋଗାଇ ଦିଆଯିବ। ମୋଟ୍ ୧ ହଜାର ୧୬୪ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ଗ୍ରୀନ୍‌ଫିଲ୍ଡ ବିମାନ ବନ୍ଦରରୁ ପ୍ରଥମ ପର୍ଯ୍ୟାୟରେ ବାର୍ଷିକ ୪୬ ଲକ୍ଷ ଯାତ୍ରୀ ଯାତାୟାତ

କରିବାର କ୍ଷମତା ରହିବ। ପୂର୍ବରୁ ପରିବେଶ ଏବଂ ସି.ଆର୍.ଜେଡ୍ ସମ୍ବନ୍ଧୀୟ ଅନୁମୋଦନ ମିଳିସାରିଛି। ଏହି ନିଷ୍ପତ୍ତି ଓଡ଼ିଶାର ପର୍ଯ୍ୟଟନ ଅର୍ଥନୀତିକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି।

HS

## ସଚିବସ୍ତରୀୟ ବୈଠକ

ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହିକ୍ରମରେ ଆଜି ଭୁବନେଶ୍ୱରଠାରେ ସଚିବସ୍ତରୀୟ ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପର୍ଯ୍ୟଟନ ଆଗାମୀ ଦିନରେ 'ଥିଙ୍କ୍ ଇଣ୍ଡିଆ, ଥିଙ୍କ ଓଡ଼ିଶା' ବାର୍ତ୍ତା ନେଇ ଦଉଡ଼ିବ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି। ସବୁ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ଓଡ଼ିଶା ହେବା ଦରକାର। ପର୍ଯ୍ୟଟନ କ୍ଷେତ୍ରକୁ ଦୃଷ୍ଟିଦେବା ପାଇଁ ଅଧିକାରୀମାନଙ୍କୁ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବୈଠକରେ ନିଯୁକ୍ତି ଓ ସରକାରୀ ଖର୍ଚ୍ଚର ମଧ୍ୟ ସମୀକ୍ଷା କରାଯାଇଥିଲା।

Desk

## ଶ୍ରାଦ୍ଧ ଦିବସ - ରଘୁ-ଦିବାକର

ରଣପୁର ପ୍ରଜାମଣ୍ଡଳ ଆନ୍ଦୋଳନରେ ଅଦମ୍ୟ ସାହସ ଓ ଅପରିମିତ ତ୍ୟାଗର ପରିଚୟ ଦେଇ ଇଂରେଜ ଶାସନ ବିରୁଦ୍ଧରେ ସଂଗ୍ରାମ କରି ବଳିଦାନ ଦେଇଥିବା ଅମର ସହିଦ୍ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ଶ୍ରାଦ୍ଧ ଦିବସ ଅବସରରେ ରାଜ୍ୟବାସୀ ସ୍ମରଣ କରି ଶ୍ରଦ୍ଧାଞ୍ଜଳି

ଜଣାଉଛନ୍ତି । ତାଙ୍କର ତ୍ୟାଗ ଓ ଦେଶ ପ୍ରେମ ଆଜି ମଧ୍ୟ ସମାଜକୁ ପ୍ରେରଣା ଦେଉଛି ।

ଶ୍ରାଦ୍ଧ ଦିବସ ଉପଲକ୍ଷେ ଆଜି ସକାଳେ ଭୁବନେଶ୍ୱର ୟୁନିଟ୍-୯ ସ୍ଥିତ ସହିଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିଛନ୍ତି । ସହିଦ୍ ରଘୁ-ଦିବାକରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଆଜି ଭୁବନେଶ୍ୱର ଜୟଦେବ ଭବନଠାରେ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ ।

NabarangpurGanjam/Deogarh/BHK/

## ଓଡ଼ିଆ ପକ୍ଷ-ନାମଫଳକ

ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ ବିଭବକୁ ପ୍ରଚାର  ପ୍ରସାର କରିବା ପାଇଁ ଚଳିତ ମାସ ପହିଲାରୁ ଆରମ୍ଭ ହୋଇଥିବା 'ଓଡ଼ିଆ ପକ୍ଷ'ର ଚତୁର୍ଥ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି 'ଓଡ଼ିଆରେ ନାମଫଳକ ବ୍ୟବହାର ସମ୍ପର୍କିତ ଅଭିଯାନ' ଦିବସ ପାଳନ କରାଯାଉଛି । ଏହି ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନମାନଙ୍କରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ପାଇଁ ଏକ ସଚେତନତା ଅଭିଯାନ ପଦଯାତ୍ରାକୁ ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନଠାରେ ବିଭାଗୀୟ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଉଦ୍‌ଘାଟନ କରିଛନ୍ତି ।

ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଓଡ଼ିଆରେ ନାମଫଳକ ଲେଖିବା ପାଇଁ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ

ହୋଇଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଏଥିରେ ଯୋଗଦେଇ ସଚେତନତା ରଥକୁ ଶୁଭାରମ୍ଭ କରିଛନ୍ତି । ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଧରି ଓଡ଼ିଆରେ ନାମଫଳକ ଲେଖିବା ପାଇଁ ଜନସାଧାରଣଙ୍କୁ ସଚେତନ କରିଛନ୍ତି ।

ଦେବଗଡ଼ ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ସହିତ ଜନସାଧାରଣଙ୍କୁ ଓଡ଼ିଆ ଭାଷା ବ୍ୟବହାର ଉପରେ ସଚେତନ କରାଇଛନ୍ତି ।

ଗଞ୍ଜାମ ଜିଲ୍ଲାରେ ଏହି ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମସ୍ତ ବାଣିଜ୍ୟିକ ପ୍ରତିଷ୍ଠାନରେ  ନାମଫଳକ ଓଡ଼ିଆରେ ନିର୍ଭୁଲ ଏବଂ ସ୍ପଷ୍ଟଭାବେ ଲେଖିବାକୁ ଏଥିରେ ସଚେତନ କରାଯାଇଛି ।

ନବରଙ୍ଗପୁର ଜିଲ୍ଲାରେ ଆୟୋଜିତ ଏକ ସଚେତନତା ଶୋଭାଯାତ୍ରାକୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀ ଶଙ୍କର ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।  ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଖିଲାଫକାରୀଙ୍କ ବିରୁଦ୍ଧରେ ଜରିମାନା ସହିତ ଦଣ୍ଡବିଧାନର ବ୍ୟବସ୍ଥା ଥିବା ନେଇ ଜିଲ୍ଲା ଶ୍ରମ ଅଧିକାରୀ ସୂଚନା ଦେଇଛନ୍ତି ।